Prameya, Jan 30, 2017

# ସ୍ୱେଚ୍ଛାକୃତ ରକ୍ତଦାନ କ୍ଷେତ୍ରରେ ଜିଏମ୍‌ଆର୍ ପୁରସ୍କୃତ



ଢେଙ୍କାନାଳ, ୨୯।୧(ଆପ୍ର): ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ୍ ଅନ୍ତର୍ଗତ କମଲାଙ୍ଗ ସ୍ଥିତ ଜିଏମ୍‌ଆର୍ ଏନର୍ଜୀ ଲିମିଟେଡ୍ (ଜିକେଇଲ) ଅଧିକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ପ୍ରକଳ୍ପ ପରିସରରେ ଆୟୋଜିତ କରି ଜିଲ୍ଲା ପ୍ରଶାସନ ଦ୍ୱାରା ପୁରସ୍କୃତ ହୋଇଛି । ସ୍ଥାନୀୟ ରିଜର୍ଭ ପୁଲିସ୍ ପଡିଆଠାରେ ଜନରାଜ୍ୟ ଦିବସ ପାଳନ ଅବସରରେ ମୁଖ୍ୟଅତିଥି ଭାବେ ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ପଣ୍ଡା ଜିକେଇଲକୁ ଏହି ପୁରସ୍କାର ପ୍ରଦାନ କରିଥିଲେ । ଜିଲ୍ଲାରେ ଏହି ପୁରସ୍କାର ପାଇବାରେ ଜିକେଇଲ୍ ପ୍ରଥମ କମ୍ପାନୀ । ଗତବର୍ଷ ପ୍ରକଳ୍ପ ପରିସରରେ ଅଧିକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରିଥିବାରୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । କମ୍ପାନୀର ସମସ୍ତ କର୍ମଚାରୀଙ୍କୁ ଅଭିବାଦନ ଜଣାଇ ଜିକେଇଲ୍ ଚିଫ୍ ଅପରେଟିଙ୍ଗ୍ ଅଫିସର ରମେଶ ଆର ପାଇ କହିଲେ ଜିଲ୍ଲାର ସମସ୍ତ ଅଧିବାସୀ ବିଶେଷ କରି କମ୍ପାନୀ ପାରିପାର୍ଶ୍ୱରେ ରହୁଥିବା ଗ୍ରାମବାସୀଙ୍କ ପାଇଁ ଆଗାମୀ ଦିନରେ ଅଧିକ କର୍ତ୍ତବ୍ୟ ପରାୟଣ ହେବାପାଇଁ ଏହି ପୁରସ୍କାର ନିଶ୍ଚୟ ପ୍ରେରଣା ଯୋଗାଇବ । ଏହି କାର୍ଯ୍ୟକ୍ରମ ଆଗାମୀ ଦିନରେ ଜାରି ରହିବ ବୋଲି ଶ୍ରୀ ପାଇ କହିଥିଲେ । ଜିକେଇଲ୍ ଗତ ଦୁଇବର୍ଷ ଧରି ଲଗାତାର ଭାବେ ଏହି ପୁରସ୍କାର ପାଇଆସୁଛି । ସ୍ଥାନୀୟ ଲୋକମାନଙ୍କ ସ୍ୱାସ୍ଥ୍ୟସେବା ପାଇଁ ଜିକେଇଲ୍ କମଲାଙ୍ଗଠାରେ ହସ୍ପିଟାଲ ସ୍ଥାପନ କରି ସମସ୍ତ ଜମିହରାଙ୍କୁ ସ୍ୱାସ୍ଥ୍ୟବୀମା ଯୋଗାଇଦେଇଛି ।

GKEL awarded for holding blood donation camps